ADFACTORS PR
Knowledge-driven communications

| Published Date: | 8 Sep 2018 | Publication: | Prameya (Oriya) |
|---|---|---|---|
| Edition: | Bhubaneshwar | Page No: | 19 |
| MAV/CCM: | 83808/34.92 | Circulation: | 110422 |

### ଟିସିଏସ୍ ଆଇଟି ୱିଜ୍ ଭୁବନେଶ୍ୱର ସଂସ୍କରଣ ଶେଷ

# ବେଲପାହାଡ଼ ଇଂରାଜୀ ବିଦ୍ୟାଳୟ ବିଜେତା

ଭୁବନେଶ୍ୱର,୭।୯(ବ୍ୟୁରୋ): ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ଆୟୋଜିତ ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍ 'ଟିସିଏସ୍ ଆଇଟି ୱିଜ୍ ୨୦୧୮'ର ଭୁବନେଶ୍ୱର ସଂସ୍କରଣ ଶେଷ ହୋଇଛି। ଏଥିରେ ବେଲପାହାଡ଼ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚିରଞ୍ଜୀବି ପ୍ରଧାନ ଓ ବେଦାଂଶ ପ୍ରଧାନ ବିଜେତା ହୋଇଛନ୍ତି।



ଟିସିଏସ୍ ଆଇଟି ୱିଜ୍‌ରେ ଓଡ଼ିଶାର ବିଭିନ୍ନ ଭାଗରୁ ବହୁ ବିଦ୍ୟାଳୟର ୧,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଉନ୍ମୁକ୍ତ ଥିବା ଏହି କ୍ୱିଜ୍‌ରେ ୬ଟି ଟିମ୍ ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ। କ୍ୱିଜ୍ ମାଷ୍ଟର୍ 'ପିକ୍‌ବ୍ରେନ୍' କ୍ୱିଜ୍ ପରିଚାଳନା କରିଥିଲେ। ଫାଇନାଲ୍‌ରେ ପାଞ୍ଚଟି ପର୍ଯ୍ୟାୟରେ ଅନୁଷ୍ଠିତ କ୍ୱିଜ୍‌ରେ ବେଲପାହାଡ଼ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚିରଞ୍ଜୀବି ପ୍ରଧାନ ଓ ବେଦାଂଶ ପ୍ରଧାନ ବିଜେତା ହୋଇଛନ୍ତି। ବିଜେତାମାନେ ସେମାନେ ଟ୍ରଫି ସମେତ ୬୦,୦୦୦ ଟଙ୍କା ବିଜୟୀ ହୋଇଛନ୍ତି। ଏଥିସହ ଉଭୟେ ଜାତୀୟ ଫାଇନାଲ୍‌ରେ ଭୁବନେଶ୍ୱରର ପ୍ରତିନିଧିତ୍ୱ କରିବେ।

ସେହିପରି ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ସ୍ୱସ୍ତିକ ଦାସ ଓ ପ୍ରାୟାଂଶୁ ମିଶ୍ର ରନର୍ସ ଅପ୍ ଭାବେ ଟ୍ରଫି ସମେତ ୪୦,୦୦୦ ଟଙ୍କା ବିଜୟୀ ହୋଇଛନ୍ତି। ଏହାବ୍ୟତୀତ ଫାଇନାଲ୍‌ର ଅନ୍ୟ ପ୍ରତିଯୋଗୀଙ୍କୁ ଟିସିଏସ୍ ପକ୍ଷରୁ ବିଭିନ୍ନ ପ୍ରକାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ଭୁବନେଶ୍ୱର ନିର୍ଦ୍ଦେଶକ ମାନସ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିସିଏସ୍ ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ମନୋଜ କୁମାର ପଣ୍ଡା, ଟିସିଏସ୍ ଗ୍ଲୋବାଲ୍ ମୁଖ୍ୟ ଦାମୋଦର ପାଢ଼ୀ ଅତିଥି ଭାବେ ଯୋଗଦେଇଥିଲେ।